# ଆଦିବାସୀ ମେଳାର ଦ୍ୱାଦଶ ସନ୍ଧ୍ୟା : ୦୬.୦୨.୨୦୧୦

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଦ୍ୱାଦଶ ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମାନନୀୟ ଶ୍ରୀଯୁକ୍ତ ଆଇ.ଏମ୍. କୁଦ୍ଦୁସି; ରାଜ୍ୟସଭା ସଦସ୍ୟ ଶ୍ରୀଯୁକ୍ତ ପ୍ୟାରିମୋହନ ମହାପାତ୍ର; ବିଧାନସଭା ସଦସ୍ୟା ସୁଶ୍ରୀ ମମତା ମାଢ଼ୀ, ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟ ରଂଜନ ସିଂ ବରିହା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ଅଶୋକ କୁମାର ତ୍ରିପାଠୀ ଏବଂ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ଯୋଗଦାନ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଆଦିବାସୀ ମେଳାର ଐତିହ୍ୟ ଉପରେ ସଂକ୍ଷିପ୍ତ ସୂଚନା ଦେଇ ଏହି ମେଳା କିପରି ତାହାର ମହତ୍ତ୍ୱ ବଜାୟ ରଖିଛି ଏବଂ ଜନମାନସରେ ଦିନକୁ ଦିନ ଏହା ନିଜର ପ୍ରସିଦ୍ଧି କିପରି ବଢ଼ାଇ ଚାଲିଛି ତାହା ଉପରେ ସୂଚନା ପ୍ରଦାନ କରିଥିଲେ ।

ବିଧାନସଭା ସଦସ୍ୟା ସୁଶ୍ରୀ ମମତା ମାଢ଼ୀ ତାଙ୍କ ଅଭିଭାଷଣ ଦେଶିଆ ଭାଷାରେ କହି ମେଳାଦ୍ୱାରା ଆଦିବାସୀ ଅଞ୍ଚଳର ଜିନିଷ ସବୁ ରାଜଧାନୀରେ ଉପଲବ୍ଧ ହୋଇଯାଇଛି । ଆଦିବାସୀ ଲୋକମାନେ ଏକଜୁଟ ହୋଇ ସରକାରଙ୍କ ପାଖରେ ନିଜ ଅଧିକାର ଜଣାଇଲେ ରାସ୍ତାଘାଟ, ପାଠପଢ଼ା ଆଦିର ସବୁ ସୁବିଧା ହୋଇପାରିବ । କଳା, ସଂସ୍କୃତିର ସୁରକ୍ଷା କରି ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆଦିବାସୀମାନଙ୍କୁ ସମକକ୍ଷ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉ ବୋଲି ନିଜ ମନ୍ତବ୍ୟ ଉପସ୍ଥାପିତ କରିଥିଲେ ।

ଅନ୍ୟତମ ଅତିଥି ମାନ୍ୟବର ରାଜ୍ୟସଭା ସଦସ୍ୟ ଶ୍ରୀଯୁକ୍ତ ପ୍ୟାରିମୋହନ ମହାପାତ୍ର ତାଙ୍କ ବକ୍ତବ୍ୟ ଉପସ୍ଥାପନ ପ୍ରସଂଗରେ କହିଥିଲେ ଏଥରର ଆଦିବାସୀ ମେଳା ଯାହା ୧୯୫୧ ମସିହାରେ ଆରମ୍ଭ ହୋଇଥିଲା ତାହା ଏକ ଭିନ୍ନ ରୂପ ନେଇଛି । ଆଦିବାସୀ ଭାଇଭଉଣୀମାନେ ମୋର ଅତି ଆପଣାର । ସେ ଭାବପ୍ରବଣ ହୋଇ କହିଥିଲେ ସେ ଭଗବାନଙ୍କ ପାଖରେ ପ୍ରାର୍ଥନା କରିବେ ଆରଜନ୍ମକୁ ଆଦିବାସୀ ହେବାକୁ । ଆଦିବାସୀ କଳା, ସଂସ୍କୃତି ତାଙ୍କ ହୃଦୟରେ ସ୍ଥାନ ପାଇଛି । ଆଦିବାସୀର ଉନ୍ନତି ନ ହେଲେ ଓଡ଼ିଶାର ବିକାଶ ସମ୍ଭବ ନୁହେଁ । ଚାଷ, ଜଙ୍ଗଲ, ଶିକ୍ଷା, ଶିଳ୍ପର ବିକାଶ କରାଯାଉଛି । ତେବେ ଆଦିବାସୀ ଭାଇଭଉଣୀମାନଙ୍କୁ ହଇରାଣ କରି ଶିଳ୍ପର ବିକାଶ କରାଯିବ ନାହିଁ । ସେ ଗଦଗଦ୍ ସ୍ୱରରେ କହିଥିଲେ ଆଦିବାସୀମାନଙ୍କୁ ବିକାଶ କରେଇବା ତାଙ୍କର ପ୍ରଥମ ଓ ଶେଷ ଲକ୍ଷ୍ୟ ।

ବିଭାଗୀୟ ମନ୍ତ୍ରୀ ତାଙ୍କ ଭାଷଣ ପ୍ରସଂଗରେ ସୂଚିତ କରିଥିଲେ ଆଧୁନିକ ଯୁଗରେ ଆଦିବାସୀମାନେ ସେମାନଙ୍କର କଳା ସଂସ୍କୃତିକୁ ବଂଚେଇ ରଖିପାରିବା ବଡ଼ ଖୁସିର କଥା । ଆଦିବାସୀମାନଙ୍କୁ ସର୍ବଭାରତୀୟ ମେଳାରେ ସାମିଲ କରିବା ନିମନ୍ତେ ସେ ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ ।

ଓଡ଼ିଶାର ମାନ୍ୟବର କାର୍ଯ୍ୟକାରୀ ବିଚାରପତି ଶ୍ରୀଯୁକ୍ତ ଆଇ.ଏମ୍. କୁଦ୍ଦୁସି ଆଦିବାସୀ ମେଳାରେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ବକ୍ତବ୍ୟ ପ୍ରସଂଗରେ କହିଥିଲେ ଆଦିବାସୀମାନଙ୍କ ଆର୍ଥିକ, ମାନସିକ ବିକାଶ ପାଇଁ ଉଦ୍ୟମ ହେବା ଦରକାର । ଶିକ୍ଷାର ଉନ୍ନତି ହେଲେ ମୌଳିକ ଅଧିକାର ପ୍ରତି ସଚେତନ ହୋଇପାରିବେ । ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ହେଉଛି । ଓଡ଼ିଶାର ପ୍ରତି ପଞ୍ଚାୟତକୁ ଏହି ଗ୍ରାମ ନ୍ୟାୟାଳୟ ସଂପ୍ରସାରିତ ହେବ । ଆଦିବାସୀମାନେ ସରଳ, ସେମାନଙ୍କ ନାଚଗୀତର ଧାରା ମଧ୍ୟ ଜୀବନର ବିଷାଦକୁ ଦୂର କରେ । କେବଳ ଆଇନ ଦ୍ୱାରା ସମସ୍ତଙ୍କୁ ଠିକ୍ ବାଟରେ ନେଇ ହୁଏ ନାହିଁ; ମାନସିକତାର ବିକାଶ ସହିତ ଆଧାତ୍ମିକତାର ଉନ୍ମେଷ କରାଇପାରିଲେ ସରଳ ଜୀବନବୋଧର ପରିପ୍ରକାଶ ଘଟିବ ।

ଏହାପରେ ଧନ୍ୟବାଦ ଅର୍ପଣ ଉପରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବଲାଙ୍ଗିର ଜିଲ୍ଲାର ପ୍ରସିଦ୍ଧ ଢାପ୍ ନୃତ୍ୟ, ଦେବଗଡ଼ ଜିଲ୍ଲାର ପାଉଡ଼ିଭୂୟାଁ ନୃତ୍ୟ, କନ୍ଧମାଳ ଜିଲ୍ଲାର କୁଟିଆକନ୍ଧ ନୃତ୍ୟ, ମାଲକାନ୍‌ଗିରି ଜିଲ୍ଲାର ପ୍ରସିଦ୍ଧ ବଣ୍ଡା ନୃତ୍ୟ ଏବଂ K.I.S.S. ଅନୁଷ୍ଠାନ ପରିବେଷିତ ଆଦିବାସୀ ନୃତ୍ୟ । ଆଜି ସଂଧ୍ୟାର ବିଶେଷ ଆକର୍ଷଣ ଥିଲା ସହସ୍ରାଧିକ ସଂଖ୍ୟାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ସମାବେଶ ।